# ଭାରତୀୟ ଜନସଂଚାର ସଂସ୍ଥାନ, ନୂଆଦିଲ୍ଲୀ

## ପ୍ରବେଶିକା ପରୀକ୍ଷା ୨୦୧୭-୧୮

## ସ୍ନାତକୋତ୍ତର ଡିପ୍ଲୋମା (ଓଡ଼ିଆ) ସାମ୍ବାଦିକତା

ସମୟ-୨ ଘଣ୍ଟା　　　　　　　　　　　　ପୂର୍ଣ୍ଣ ସଂଖ୍ୟା ୮୫

*ନିର୍ଦ୍ଦେଶିକା*

*୧. ସବୁ ପ୍ରଶ୍ନର ଉତ୍ତର ଦିଅନ୍ତୁ । ଆଉ କୌଣସି ଅତିରିକ୍ତ ଉତ୍ତର ପତ୍ର ଦିଆଯିବ ନାହିଁ ।*

*୨. ଏ ପରୀକ୍ଷାର ଉଦ୍ଦେଶ୍ୟ ହେଲା ଛାତ୍ରଛାତ୍ରୀମାନଙ୍କର ସାମ୍ପ୍ରତିକ ପ୍ରସଙ୍ଗ ସମ୍ପର୍କରେ ସଚେତନତା ଏବଂ ତାର ବୁଝିବା, ଯୋଗାଯୋଗ ଦକ୍ଷତା ଏବଂ ବିଶ୍ଳେଷଣ କ୍ଷମତାର ଆକଳନ କରିବା ।*

*୩. ଉତ୍ତର ସ୍ପଷ୍ଟ ଏବଂ ସଂକ୍ଷିପ୍ତ ଭାବେ ଦିଅନ୍ତୁ ।*

*୪. ଯେତିକି ଶବ୍ଦ ଭିତରେ ଉତ୍ତର ଦେବା ପାଇଁ କୁହାଯାଇଛି, ତାହା ହେଲା ସର୍ବାଧିକ । ଆପଣ ତା କମ୍‌ରେ ବି ଲେଖି ପାରନ୍ତି ।*

*୫. ପରୀକ୍ଷାହଲକୁ ମୋବାଇଲ୍ ଫୋନ୍, କ୍ୟାଲକୁଲେଟର ବା ଅନ୍ୟ କୌଣସି ଇଲେକ୍ଟ୍ରନିକ ଯନ୍ତ୍ର ମନା । ଯଦି କୌଣସି ପରୀକ୍ଷାର୍ଥୀ ପରୀକ୍ଷା ହଲ୍‌ରେ ଏହା ବ୍ୟବହାର କରିବାର ଧରାଯାଏ, ତେବେ ତାଙ୍କୁ ପରୀକ୍ଷା ଦେବାରୁ ବଞ୍ଚିତ କରାଯିବ ।*

**ପ୍ରଥମ ତିନୋଟି ପ୍ରଶ୍ନର ଉତ୍ତର ୩୦୦ ଶବ୍ଦ ମଧ୍ୟରେ ଦିଅନ୍ତୁ ।**

୧. ପ୍ରବନ୍ଧ ଲେଖନ୍ତୁ:　　　　　　　　　　　　୧୫

କ. ଓଡ଼ିଶାରେ ୨୦୧୭ ପଞ୍ଚାୟତ ନିର୍ବାଚନ

କିମ୍ବା

ଖ. ବିମୁଦ୍ରାକରଣ (ଡିମନିଟାଇଜେସନ୍)

୨. ବିଶ୍ଳେଷଣ କରନ୍ତୁ:　　　　　　　　　　　　୧୫

କ. ଓଡ଼ିଶା ସରକାରଙ୍କ ଶିଳ୍ପ ଯୋଜନା

କିମ୍ବା

ଖ. ଆପଣ ନିୟମିତ ପଢୁଥିବା ଖବରକାଗଜର କ୍ରୀଡ଼ା ପୃଷ୍ଠା

୩. ଟିପ୍ପଣୀ ଦିଅନ୍ତୁ　　　　　　　　　　　　୧୫

କ. ଜନଧନ ଯୋଜନାର ପ୍ରଭାବ

କିମ୍ବା

ଖ. ବାହୁବଳି ଚଳଚ୍ଚିତ୍ରର ଅଭୂତପୂର୍ବ ଅର୍ଥନୈତିକ ସଫଳତା

୪. ନିମ୍ନଲିଖିତ ବିଷୟରୁ ଯେକୌଣସି ୧୦ଟି ସମ୍ପର୍କରେ ଲେଖନ୍ତୁ । ପ୍ରତ୍ୟେକ ୨୦ ଶବ୍ଦ ଭିତରେ । ୦୨

କ. ମଧୁସୂଦନ ଦାସ

ଖ. ୟୁ.ଏନ୍.

ଗ. ଜିଏସଟି

ଘ. ଶିମିଳିପାଳ

ଙ. ଇମାନୁଏଲ୍ ମାକ୍ରନ

ଚ. ନମାମି ଗଂଗା ଯୋଜନା

ଛ. ଦିବ୍ୟସିଂହ ଦେବ

ଜ. ମାଲ୍‌ୱାର

collegedunia
India's largest Student Review Platform

ଝ. ହିଜବୁଲ୍ ମୁଜାହିଦିନ

ଞ. ସ୍ୱାପ୍‌ଚାଟ୍

ଟ. ଅଂଶୁଘାତ

ଠ. ଇଭିଏମ୍

ଡ. କିଶୋରୀ ଅମୋନ୍‌କର

ଢ. ନୀଳମାଧବ ପଣ୍ଡା

ଣ. ଭୁଟୀ ଡାଳ

୫. ନିମ୍ନଲିଖିତ ଅନୁଚ୍ଛେଦଟିକୁ ସଂକ୍ଷେପ କରି ୧୦୦ ଶବ୍ଦ ଭିତରେ ଲେଖନ୍ତୁ । ୧୦

ଅନେକେ ଏବେ ଗଣମାଧ୍ୟମକୁ ଶତ୍ରୁ ବୋଲି କହୁଛନ୍ତି । ସେମାନଙ୍କ ଯୁକ୍ତି ହେଲା : ଗଣମାଧ୍ୟମ ପରର ମତକୁ ବ୍ୟକ୍ତି ଉପରେ ଜୋର କରି ଲଦି ଦେଉଛି । ବ୍ୟକ୍ତିର ସ୍ୱତନ୍ତ୍ର ଚିନ୍ତା ଶକ୍ତିକୁ ଦୁର୍ବଳ କରିଦେଉଛି । ଗଣମାଧ୍ୟମରେ ଯାହା ଶୁଣାଯାଉଛି ବା ଦେଖାଯାଉଛି- ତା ବାହାରେ ଯେ କିଛି ଥାଇପାରେ ଏ ବୋଧ ଆମର ନଷ୍ଟ ହୋଇଯାଉଛି । ଗଡ୍ଡଲିକାରେ ଝାଳ ଚଳାଇବାକୁ ଆମକୁ ଗଣମାଧ୍ୟମ ବାଧ୍ୟ କରୁଛି ।

ତେବେ ସତରେ କଣ ଗଣମାଧ୍ୟମ ଆମ ଶତ୍ରୁ ? ବାସ୍ତବରେ ଏକଥା ଗଣମାଧ୍ୟମର ବ୍ୟବହାର ଉପରେ ନିର୍ଭର କରେ । ବିଶେଷଜ୍ଞମାନେ ଏକଥାରେ ଏକମତ ଯେ ଗଣମାଧ୍ୟମର ସମାଜ ଉପରେ ପ୍ରଭାବ ଅଛି । ହେଲେ କାହା ଉପରେ ସେ ପ୍ରଭାବ କେତେ ଏବଂ କେଉଁଭଳି ଭାବେ ପଡ଼ିବ ତାହା ଠିକଣା ଭାବେ କହିବା ସମ୍ଭବ ନୁହେଁ । ହେଲେ ଯେହେତୁ ଗଣମାଧ୍ୟମର ପ୍ରଭାବ ରହିଛି, ସେଥିପାଇଁ ଗଣମାଧ୍ୟମର ଏକ ସାମାଜିକ ଦାୟିତ୍ୱ ରହିଛି । ସାମାଜିକ ଦାୟିତ୍ୱ ରହିଛି, ତେଣୁ ଗଣମାଧ୍ୟମରେ ଯେଉଁମାନେ ଖବର ପହଞ୍ଚାଉଛନ୍ତି, ସେମାନଙ୍କର ଏକ ଗୁରୁ ଦାୟିତ୍ୱ ରହିଛି । ସେମାନେ ନିଜେ ଏ ଦାୟିତ୍ୱ ପ୍ରତି ସଚେତନ ରହିବା ଦରକାର । ନହେଲେ ଅନେକ ସମୟରେ ଗଣମାଧ୍ୟମ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଦେଇପାରେ । ଗଣମାଧ୍ୟମ ଏକ ଅସ୍ତ୍ର ପରି । ଏକ ଛୁରି ପରି । ସେଥିରେ ପରିବା କାଟି ହେବ । ଅସ୍ତ୍ରୋପଚାର କରି ମଣିଷକୁ ବଂଚେଇହେବ, ପୁଣି ତଣ୍ଟି କାଟି ମଣିଷକୁ ମାରି ବି ହେବ । ବଂଚେଇବ କି ମାରିବ ତାହା ଛୁରୀ ଉପରେ ଯେତେ ନିର୍ଭର କରେ, ତାଠୁଁ ବେଶି ନିର୍ଭର କରେ ଛୁରୀ ଯାହା ହାତରେ ରହିଛି ତା ଉପରେ ।

ତେଣୁ ଛୁରୀ ଧରିଥିବା ଲୋକଟି ସାବଧାନ ରହିବା ଦରକାର । ପୁଣି ଗଣମାଧ୍ୟମ ଯେମିତି ତା ଦାୟିତ୍ୱ ଠିକ୍ ଭାବେ ତୁଲାଏ, ସେଥିପ୍ରତି ଲକ୍ଷ୍ୟ ରଖିବା ପାଇଁ ସମାଜ ବା ସରକାରଙ୍କର ମଧ୍ୟ ଦାୟିତ୍ୱ ରହିଛି । କୌଣସି ସଭ୍ୟ ଦେଶରେ ଗଣମାଧ୍ୟମକୁ ଏମିତି ସ୍ୱାଧୀନତା ଦେବା ଉଚିତ ନୁହେଁ, ଯେଉଁଥିରେ ସେ ଯାହା ପାରେ ତାହା ଦେଖାଇ ପାରିବ । କିଛି ନିୟମ କାନୁନ ପ୍ରତିବନ୍ଧକ ତ ନିହାତି ରହିବା ଦରକାର । ଏବଂ ଗଣମାଧ୍ୟମର ସଂଚାଳକମାନେ ନିଜେ ଏଥିପ୍ରତି ସଚେତନ ରହିବା ସବୁଠୁଁ ଭଲ ।

୬. ନିମ୍ନଲିଖିତ ଖବରଟିକୁ ଇଂରାଜୀରୁ ଓଡ଼ିଆକୁ ଅନୁବାଦ କରନ୍ତୁ । ୧୦

**Over 900 railway stations to have CCTV cameras**

New Delhi, May 15 (PTI) Indian Railways will install CCTV surveillance system at more than 900 stations under the Nirbhaya Fund at an approved cost of Rs 500 crore to strengthen security at rail premises.

Tenders will be floated shortly to install about 19,000 high definition CCTV cameras at 983 stations across the country to ensure round-the-clock security to passengers including women.

The project envisages installation of cameras at platforms and waiting areas while there will be control rooms at stations to monitor CCTV footages by trained RPF personnel constantly. The station master will also be given access to monitor CCTV camera footage as part of the project being undertaken by the public transporter, said a senior Railway Ministry official.

Railways have about 8,000 stations out of which currently 344 stations have already been provided with CCTV cameras. "It is helping us in a great way. The signboard reading 'You are under watch' has a preventive effect on criminal minds," the official said.

Besides keeping a constant watch, the CCTV surveillance system helps in post-incident crime investigation. Railways aims to cover all stations with the CCTV system phase-wise.

***

collegedunia
India's largest Student Review Platform